PRESS RELEASE

ପ୍ରେସ୍ ବିଜ୍ଞପ୍ତି ୬୪

ଚଳିତ ପାର୍ବଣ ଋତୁରେ ସମସ୍ତ ପୂଜା ପେଣ୍ଡାଲରେ ଆଇନ ସମ୍ମତ ଅସ୍ଥାୟୀ ବିଦ୍ୟୁତ୍ ସଂଯୋଗ କରନ୍ତୁ: ଟିପିଡବ୍ଲୁଓଡିଏଲ୍

ବୁର୍ଲା, ୧୨ ସେପ୍ଟେମ୍ବର, ୨୦୨୫: ଚଳିତ ପାର୍ବଣ ଋତୁରେ ବିଭିନ୍ନ ଦେବା ଦେବୀଙ୍କ ନିମନ୍ତେ ପେଣ୍ଡାଲ୍ ତିଆରି କରାଯାଇ ଉତ୍ସବ ପାଳନ କରାଯାଇଥାଏ । ଏହି ପେଣ୍ଡାଲମାନଙ୍କରେ ବିଭିନ୍ନ ଆଲୋକର ସାଜସଜ୍ଜା ମଧ୍ୟ କରାଯାଇଥାଏ । ଏହି ସବୁ ପେଣ୍ଡାଲକୁ ବିଦ୍ୟୁତ୍ ସଂଯୋଗ କରିବା ନିମନ୍ତେ ଆୟୋଜକ କମିଟିମାନଙ୍କୁ ଟିପିଡବ୍ଲୁଓଡିଏଲ୍ ତରଫରୁ ଅନୁରୋଧ କରାଯାଉଅଛି ଯେ, ସମସ୍ତ କମିଟି ନିକଟସ୍ଥ ବିଦ୍ୟୁତ୍ ବିତରକ କମ୍ପାନୀ କାର୍ଯ୍ୟାଳୟରେ ଯୋଗାଯୋଗ କରି ଆଇନ ସମ୍ମତ ଆସ୍ଥାୟୀ ବିଦ୍ୟୁତ୍ ସଂଯୋଗ କରନ୍ତୁ ।

ଅସ୍ଥାୟୀ ରୂପେ ବିଦ୍ୟୁତ୍ ଯୋଗାଇ ଦେବା ପାଇଁ ଆଇନରେ ପ୍ରବିଧାନ ଉପଲବ୍ଧ ଅଛି । ଏଣୁ ବିଦ୍ୟୁତ୍ ସଂଯୋଗ ପାଇଁ କୌଣସି ପ୍ରକାରର ଅନୈତିକ ଉପାୟ କିମ୍ବା ହୁକିଂ କରନ୍ତୁ ନାହିଁ । ବେଆଇନ ଭାବରେ ବିଦ୍ୟୁତ୍ ସଂଯୋଗ କରିବା ଦ୍ୱାରା ଅସୁରକ୍ଷିତ ପରିସ୍ଥିତି ସୃଷ୍ଟି ହୋଇଥାଏ ଏବଂ କୌଣସି ପ୍ରକାର ବୈଦ୍ୟୁତିକ ଦୁର୍ଘଟଣା ଦ୍ୱାରା ଧନଜୀବନ ହାନୀ ହେବା ସମ୍ଭାବନା ହେବା ସଙ୍ଗେ ଉତ୍ସବ ପରିବେଶ ନଷ୍ଟ ହୋଇପାରେ । ଏହା ଦ୍ୱାରା ଆବଶ୍ୟକ ଥିବା ବିଦ୍ୟୁତ୍ ଚାହିଦାର ଅନୁମାନ କରାଯାଇପାରେ ନାହିଁ । ଯାହା ଫଳରେ କି ସେହି ଅଞ୍ଚଳର ଟ୍ରାନ୍ସଫରମର ଉପରେ ଅତ୍ୟଧିକ ଲୋଡ ପଡିଲେ, ତାହା ବିଦ୍ୟୁତ୍ ସରବରାହକୁ ବିଚ୍ଛିନ୍ନ ବି କରିପାରେ ।

ଏଣୁ ନୈତିକ ଉପାୟରେ ଅସ୍ଥାୟୀ ବିଦ୍ୟୁତ୍ ସଂଯୋଗ ପାଇଁ ଦରଖାସ୍ତ ଦେବା ଫଳରେ ବିଦ୍ୟୁତ୍ ବିତରକ କମ୍ପାନୀର କର୍ମକର୍ତ୍ତା ଆବାଶ୍ୟକତାକୁ ଅନୁମାନ କରି ଉପଯୁକ୍ତ କାର୍ଯ୍ୟପନ୍ଥା ଗ୍ରହଣ କରିବେ । ଏଣୁ କମ୍ପାନୀ ତରଫରୁ ଆଇନ ସମ୍ମତ ପ୍ରକ୍ରିୟାରେ ଅସ୍ଥାୟୀ ବିଦ୍ୟୁତ୍ ସଂଯୋଗ କରିବା ପାଇଁ ବିନିତ ଅନୁରୋଧ କରାଯାଉଅଛି ।

କର୍ପୋରେଟ୍ ଯୋଗାଯୋଗ ଏବଂ ସରକାରୀ ସମ୍ପର୍କ ମୁଖ୍ୟ
ଟିପିଡବ୍ଲୁଓଡିଏଲ୍, କର୍ପୋରେଟ୍ କାର୍ଯ୍ୟାଳୟ, ବୁର୍ଲା